# ସତ୍ୟବାକ୍ୟ

# THE WORD OF TRUTH



## MAY & JUNE - 2012

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.19.May & Jun-2012.No-3

Published every two months in **Oriya** language for the Restoration of pure New Testament Christianit

Write for free Bible Correspondence course
in
Telugu & Oriya to:

**The Director**
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

**VOL - XVII KAKINADA MAY-JUNE-2012**


## କେଉଁମାନେ ବାପ୍ତିଜିତ ହେବା ଆବଶ୍ୟକ

## (Who should be Baptized ?)

ନୂତନ ନିୟମର, ''ପ୍ରେରିତମାନଙ୍କ କାର୍ଯ୍ୟାବଳୀ ପୁସ୍ତକ''ରେ ପରିବର୍ତ୍ତନର ଏକାଦଶ ଘଟଣା ବର୍ଣ୍ଣିତ ହୋଇଅଛି । ବିଭିନ୍ନ ବ୍ୟକ୍ତିମାନେ ଏବଂ ବହୁଜନ ସମୂହ ମଧ୍ୟ ଖ୍ରୀଷ୍ଟଙ୍କ ଠାରେ ପରିବର୍ତ୍ତିତ ହେବାର କାହାଣୀ ଏହି ପୁସ୍ତକରେ ପଢ଼ିଥାଉଁ । ୧୬ମ ଅଧ୍ୟାୟରେ ଲୁଦିଆ ଓ ତାହାଙ୍କ ପରିବାର ଏବଂ କାର ରକ୍ଷକ ଓ ତାହାଙ୍କ ପରିବାର ଖ୍ରୀଷ୍ଟଙ୍କ ଠାରେ କିପରି ପରିବର୍ତ୍ତିତ ହୋଇଥିଲେ ଲେଖାଯାଇଅଛି । ପ୍ରେରିତ ୧୦ମ ଅଧ୍ୟାୟରେ କର୍ଣ୍ଣଲୀୟ ଓ ତାହାଙ୍କ ପରିବାର କିପରି ଖ୍ରୀଷ୍ଟଙ୍କୁ ଧାରଣ କରିଥିଲେ ପଢ଼ିପାରୁ ।

ଆଜିର ଖ୍ରୀଷ୍ଟୀୟ ଜଗତରେ ଅନେକ ଶିଶୁ ବାପ୍ତିସ୍ମ, ଛିଞ୍ଚି ବାପ୍ତିସ୍ମରେ ବିଶ୍ୱାସ କରନ୍ତି । ଲୁଦିଆ ଓ କର୍ଣ୍ଣଲୀୟ ସପରିବାରେ ବାପ୍ତିସ୍ମ ଗ୍ରହଣ କରିଥିବାରୁ, ସେମାନଙ୍କ ପରିବାରରେ ଶିଶୁମାନେ ମଧ୍ୟ ବାପ୍ତିଜିତ ହୋଇଥିବେ ବୋଲି ସେମାନଙ୍କ ମତ । ତେଣୁକରି ସେମାନେ ଶିଶୁ ବାପ୍ତିସ୍ମ ପ୍ରଥାକୁ ବିନା ଦ୍ୱିଧାରେ ଆପଣାଇଛନ୍ତି ।

ପବିତ୍ର ଧର୍ମଶାସ୍ତ୍ର ସୂକ୍ଷ୍ମଭାବେ ଧ୍ୟାନ କରିବା ଦ୍ୱାରା ଆମ୍ଭେମାନେ କେଉଁମାନେ ପାପୀ ଓ କେଉଁମାନେ ସୁରକ୍ଷିତ, କେଉଁମାନେ ବାପ୍ତିଜିତ ହେବା ଆବଶ୍ୟକ, କେଉଁମାନେ ବାପ୍ତିଜିତ ହେବା ଆବଶ୍ୟକ ନୁହେଁ ଜାଣିପାରିବା । ଯୀଶୁ ଶିଶୁମାନଙ୍କ ବିଷୟରେ କହିଥିଲେ, ''ସ୍ୱର୍ଗରାଜ୍ୟ ଏହିପ୍ରକାର ଲୋକମାନଙ୍କର ।'' (ମାଥିଉ ୧୮:୩) ଅତଏବ ଲୋକେ ସପରିବାରେ ବାପ୍ତିଜିତ ହେବା ସମୟରେ, ଯେଉଁମାନେ ବାପ୍ତିଜିତ ହେବାକୁ ଯୋଗ୍ୟ କେବଳ ସେହିମାନେ ବାପ୍ତିଜିତ ହୋଇଥିଲେ ବୋଲି ଏହି ବାକ୍ୟରୁ ଜାଣିପାରୁ । କାରଣ ପରିବାରର ଶିଶୁମାନେ ନିଷ୍ପାପୀ, ସେମାନେ ବାପ୍ତିଜିତ ହେବା ଆବଶ୍ୟକ ନୁହେଁ । ଶିଶୁମାନେ ବଢ଼ି ପୂର୍ଣ୍ଣ ବୟସ୍କ ହୋଇ, ଭଲମନ୍ଦର ପାର୍ଥକ୍ୟ ଜାଣିବା

ପରେ, ମନ୍ଦରୁ ମନ ପରିବର୍ତ୍ତନ କରି ବାପ୍ତିଜିତ ହେବା ଆବଶ୍ୟକ । ଏହା ପ୍ରକୃତରେ ଈଶ୍ୱରଙ୍କ ନିର୍ଦ୍ଧାରିତ ପଥ ।

ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି ବୁଝିପାରନ୍ତି କେବଳ ସେମାନେ ବାପ୍ତିଜିତ ହୋଇପାରନ୍ତି । ଈଶ୍ୱରଙ୍କ ବାକ୍ୟ ଶ୍ରବଣ ଦ୍ୱାରା ବିଶ୍ୱାସ ଜାତ ହୁଏ । (ରୋମୀୟ ୧୦:୧୭) ପ୍ରଭୁ ଯୀଶୁ ସମଗ୍ର ଜଗତରେ ସୁସମାଚାର ପ୍ରଚାର ହେବା ପାଇଁ ଆଜ୍ଞା ଦେଉଥିଲେ । ସୁସମାଚାର ଶ୍ରବଣ କରି ବିଶ୍ୱାସ କରିବା ଲୋକଙ୍କୁ ବାପ୍ତିସ୍ମ ଦେବା ନିମନ୍ତେ ପ୍ରେରିତ ମାନଙ୍କୁ କୁହାଯାଇଥିଲା । (ମାର୍କ ୧୬:୧୫,୧୬) ବାପ୍ତିଜିତ ହୋଇଥିବା ଖ୍ରୀଷ୍ଟିୟାନମାନଙ୍କୁ ଶିକ୍ଷା ଦେବା ନିମନ୍ତେ ମାଥିଉ ୨୮:୧୯,୨୦ ପଦରେ ପଢ଼ିଥାଉଁ । କେଉଁମାନଙ୍କୁ ଶିକ୍ଷା ଦେଇପାରିବା ? ଯେଉଁମାନେ ଖ୍ରୀଷ୍ଟଙ୍କ ସୁସମଚାର ଶ୍ରବଣ କରି ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରିବାରେ ସମର୍ଥ ସେମାନେ ହିଁ ବାପ୍ତିଜିତ ହେବା ଆବଶ୍ୟକ । କାରଣ ବାପ୍ତିସ୍ମ ଆମ୍ଭମାନଙ୍କ ପାପରୁ ଧୌତ କରେ । ଶିଶୁମାନେ ନିଷ୍ପାପୀ ।

ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି ବୁଝିପାରନ୍ତି ସେମାନଙ୍କ ନିମନ୍ତେ ସୁସମାଚାର ପ୍ରଚାରିତ ହେଉଅଛି । ଯେଉଁମାନେ ସୁସମାଚାର ପଢ଼ି ବୁଝିପାରନ୍ତି ସେମାନଙ୍କ ନିମନ୍ତେ ସୁସମାଚାର ଲିଖିତ ହୋଇଅଛି । ଯେଉଁ ଶିଶୁମାନେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି, ବୁଝି ପାରନ୍ତି ନାହିଁ ସେମାନେ ଏଥିର ଅନ୍ତର୍ଭୁକ୍ତ ନୁହନ୍ତି । ଯଦି ପରମେଶ୍ୱର ଶିଶୁମାନେ ମଧ୍ୟ ସୁସମାଚାର ଆଜ୍ଞାବହ ହେବା ଲୋଡ଼ନ୍ତି, ତେବେ ବୟସପ୍ରାପ୍ତ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ମନୁଷ୍ୟ ବିନଷ୍ଟିତ । କାରଣ ଶିଶୁମାନେ ପରମେଶ୍ୱରଙ୍କ ବାକ୍ୟ ଶ୍ରବଣ କରି ତାହାର ଆଜ୍ଞାବହ ହେବା ସକ୍ଷମ ନୁହନ୍ତି । ଆମ୍ଭମାନଙ୍କ ସାମର୍ଥ୍ୟତାର ବାହାରେ, କୌଣସି ବିଷୟ ପ୍ରଭୁ ଆମ୍ଭମାନଙ୍କ ଠାରୁ ଲୋଡ଼ନ୍ତି ନାହିଁ । ଶିଶୁମାନେ ପରମେଶ୍ୱରଙ୍କ ରାଜ୍ୟରେ ସୁରକ୍ଷିତ ଅଟନ୍ତି ।

**- J.C. Choate**

❋❋❋

# "...ମୁଁ ଇଚ୍ଛା କରୁଅଛି, ଶୁଚି ହୁଅ"
## (I will be thou clean)

ପ୍ରଭୁ ଯୀଶୁଖ୍ରୀଷ୍ଟ ପର୍ବତ ଉପରେ ଉପଦେଶ ଦେଇ, ପର୍ବତରୁ ଓହ୍ଲାଇ ଆସନ୍ତେ, ବହୁ ସଂଖ୍ୟକ ଲୋକ ତାହାଙ୍କ ଅନୁଗମନ କଲେ । ସେମାନଙ୍କ ମଧ୍ୟରୁ ଜଣେ କୁଷ୍ଠୀ, ଆପଣା କୁଷ୍ଠ ରୋଗରୁ ସୁସ୍ଥ କରିବାକୁ ତାହାଙ୍କୁ ଅନୁରୋଧ କଲେ । ଭୟଙ୍କର ବ୍ୟାଧିରେ ଆଘାତ ସେହି ବ୍ୟକ୍ତି ଅପଣା ପରିବାର ଓ ସମାଜ ଠାରୁ ଦୂରରେ ରହୁଥିଲା । କେବଳ ଈଶ୍ୱର ତାହାଙ୍କୁ ସୁସ୍ଥ କରିପାରିବେ, ଏହା ତାହାଙ୍କର ଦୃଢ଼ ବିଶ୍ୱାସ ଥିଲା । ସେ ଦୂରରୁ ପ୍ରଭୁ ଯୀଶୁଙ୍କ ପର୍ବତ ଉପଦେଶ ଶୁଣି, ତାହାଙ୍କ କୃତ ଆଶ୍ଚର୍ଯ୍ୟ କର୍ମରେ ବିଶ୍ୱାସ କରି ତାହାଙ୍କ ନିକଟକୁ ଆସିଥିଲା ।

ଶ୍ରବଣରୁ ବିଶ୍ୱାସ ଜାତ ହୁଏ । (ରୋମୀୟ ୧୦:୧୭) ସେ ଯୀଶୁଙ୍କ ବିଷୟରେ ତଥା ଯୀଶୁଙ୍କ ଉପଦେଶ ଶୁଣି ସେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର, ଏହା ସେ ବିଶ୍ୱାସ କରିଥିଲେ । ସେ "........ତାହାଙ୍କ ନିକଟକୁ ଆସି ପ୍ରଣାମ କରି କହିଲା ହେ ପ୍ରଭୁ, ଆପଣ ଯଦି ଇଚ୍ଛା କରନ୍ତି, ତାହାହେଲେ ମୋତେ ଶୁଚି କରିପାରନ୍ତି ।" (ମାଥିଉ ୮:୨) । ଏହି ପଦଗୁଡ଼ିକରେ ସେ ଆପଣା ଦୃଢ଼ ବିଶ୍ୱାସ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କୁ ଆପଣା ସୁସ୍ଥତାର ଭିକ୍ଷା କରିଥିଲେ ।

ଏହି ଘଟଣା ଆମ୍ଭମାନଙ୍କ ଜୀବନ ନିମନ୍ତେ ଅନେକ ଶିକ୍ଷା ଦିଏ । ଆପଣ ଅସୁସ୍ଥତାରୁ ସୁସ୍ଥତା ପ୍ରାପ୍ତ ହେବାକୁ ଇଚ୍ଛା କରିବା କୁଷ୍ଠ ରୋଗୀ ପକ୍ଷରେ ସ୍ୱାଭାବିକ । ଅରାମୀୟ ରାଜାର ସେନାପତି ନାମନ, ଜଣେ ସମ୍ଭ୍ରାନ୍ତ ଓ ମହା ବିକ୍ରମଶାଳୀ ବ୍ୟକ୍ତି ଥିଲେ ହେଁ ସେ ଜଣେ କୁଷ୍ଠୀ । ସେ ଆପଣା ବାଳିକା ଦାସୀର ନିର୍ଦ୍ଦେଶନାରେ ଶମରିୟାକୁ ଯାତ୍ରା କରି । ଇଲିଶାୟ ଭାବବାଦୀଙ୍କ ଦ୍ୱାରା ସୁସ୍ଥତା ପ୍ରାପ୍ତ ହୋଇଥିଲେ । (୨ୟ ରାଜାବଳୀ ୫ମ ପର୍ବ, ବେଥସଦା ତଟରେ, ସୁସ୍ଥତାର ଆଶାରେ ଅଠତିରି ବର୍ଷରୁ ପଡ଼ି ରହିଥିବା ଏକ ରୋଗୀକୁ ପ୍ରଭୁ କହିଲେ,"..........ତୁମେ କଅଣ ସୁସ୍ଥ ହେବାକୁ ଇଚ୍ଛା କରୁଅଛ ?" (ଯୋହନ ୫:୬) ତତ୍ପରେ ସେ ତାହାଙ୍କୁ ସୁସ୍ଥ କରିଥିଲେ । ବାରବର୍ଷ ପର୍ଯ୍ୟନ୍ତ ପ୍ରଦରଗ୍ରସ୍ତା ଜଣେ ସ୍ତ୍ରୀଲୋକ ଆପଣା ମନରେ କହୁଥିଲା,"............କେବଳ ତାହାଙ୍କ ଲୁଗା ଛୁଇଁଲେ ସୁସ୍ଥ ହେବି" । (ମାର୍କ ୫:୨୮) ବହୁ ଜନସମୂହ ତାହାଙ୍କୁ ଘେରି ରହିଥିବା ସମୟରେ ସେ ପ୍ରଭୁଯୀଶୁଙ୍କ ଲୁଗା ଛୁଇଁ ଆରୋଗ୍ୟ ପ୍ରାପ୍ତ ହୋଇଥିଲା ।

ପ୍ରଭୁ ଯୀଶୁ ହସ୍ତ ବଢ଼ାଇ ସେହି କୁଷ୍ଠୀକୁ ସ୍ପର୍ଶ କରି କହିଲେ,''........ମୁଁ ଇଚ୍ଛା କରୁଛି ଶୁଚି ହୁଅ ।'' (ମାଥିଉ ୮:୩) ସମସ୍ତ ଜଗତର ପ୍ରତ୍ୟେକ ବ୍ୟକ୍ତି ତାହାଙ୍କ ନିକଟକୁ ଆସି ତାହାଙ୍କର ସେହି ସୁସ୍ଥତାର ସ୍ପର୍ଶ ପ୍ରାପ୍ତ ହୁଅନ୍ତୁ ବୋଲି ସେ ଇଚ୍ଛା କରନ୍ତି । କୁଷ୍ଠ ରୋଗ ଯେପରି ମନୁଷ୍ୟର ଦେହକୁ ବିନାଶ କରେ, ପାପ ମନୁଷ୍ୟର ଆତ୍ମାକୁ ବିନାଶ କରେ । ମନୁଷ୍ୟର ଆତ୍ମାର ସୁସ୍ଥତା, କେବଳ ପ୍ରଭୁ ଯୀଶୁଙ୍କ ରକ୍ତ ଦ୍ୱାରା ସାଧିତ ହୋଇପାରେ । ପ୍ରଭୁ ଯୀଶୁଙ୍କ ନିକଟକୁ ଯାଇ ସେହି କୁଷ୍ଠୀ ଯେପରି ଶାରିରୀକ ସୁସ୍ଥତା ପ୍ରାପ୍ତ ହୋଇଥିଲା, ସେହିପରି ଆମ୍ଭମାନଙ୍କ ଆତ୍ମାର ପରିତ୍ରାଣ ପ୍ରଭୁ ଯୀଶୁଙ୍କ ଠାରେ ପ୍ରାପ୍ତ ହୋଇପାରୁ । ଆମ୍ଭମାନଙ୍କ ଆତ୍ମାର ପରିତ୍ରାଣ ନିମନ୍ତେ ତାହାଙ୍କ ନିକଟକୁ ଗଲେ । ସେ କହିବେ ।''.........ମୁଁ ଇଚ୍ଛା କରୁଅଛି ଶୁଚି ହୁଅ ।'' (ମାଥିଉ ୮:୩) । ପ୍ରତ୍ୟେକ ମନୁଷ୍ୟ ତାହାଙ୍କ ନିକଟକୁ ଯାଇ, ତାହାଙ୍କ ଠାରୁ ସେହି ସୁସ୍ଥତାର ସ୍ପର୍ଶ ପ୍ରାପ୍ତ ହେବାକୁ ସେ ଇଚ୍ଛା କରନ୍ତି । କୁଷ୍ଠ ରୋଗ ଯେପରି ମନୁଷ୍ୟର ଶରୀରକୁ ବିନଷ୍ଟ କରେ ପାପ ସେହିପରି ମନୁଷ୍ୟର ଆତ୍ମାକୁ ବିନଷ୍ଟ କରେ । କେବଳ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ସମସ୍ତ ପାପରୁ ବିମୁକ୍ତ କରିପାରେ । କୁଷ୍ଠ ରୋଗ ଯେପରି ଆପଣା ସୁସ୍ଥତା ନିମନ୍ତେ ଖ୍ରୀଷ୍ଟଙ୍କ ନିକଟକୁ ଯାଇଥିଲା । ସେହିପରି ଆମ୍ଭମାନଙ୍କ ଆତ୍ମାର ସୁସ୍ଥତା ନିମନ୍ତେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଯିବା ଆବଶ୍ୟକ । ଆମ୍ଭମାନଙ୍କ ଆତ୍ମାର ସୁସ୍ଥତା ନିମନ୍ତେ ଆମ୍ଭେମାନେ ତାହାଙ୍କ ନିକଟକୁ ଗଲେ ସେ କହିବେ,''.........ମୁଁ ଇଚ୍ଛା କରୁଛି ଶୁଚି ହୁଅ ।'' ଯାକୁବ କହନ୍ତି,''ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅ । ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ ।'' (ଯାକୁବ ୪:୮)

ସଦାପ୍ରଭୁ ପରମେଶ୍ୱର କହନ୍ତି,''.......ପ୍ରଭୁ ସଦାପ୍ରଭୁ କହନ୍ତି ''ଆମ୍ଭେ ଜୀବିତ ଥିବା ପ୍ରମାଣେ ଦୁଷ୍ଟର ମରଣରେ ଆମ୍ଭର ସନ୍ତୋଷ ନାହିଁ । ମାତ୍ର ଦୁଷ୍ଟ ଯେମନ୍ତ ଫେରି ବଞ୍ଚଇ, ଏଥିରେ ହିଁ ଆମ୍ଭର ସନ୍ତୋଷ ଅଛି । ତୁମ୍ଭେମାନେ ଫେର, ଆପଣା ଆପଣା କୁପଥରୁ ଫେର । ହେ ଇସ୍ରାଏଲ ବଂଶ ତୁମ୍ଭେମାନେ କିହେତୁ ମରିବ ?'' (ଯିହିଜିକଲ ୩୩:୧୧) କୌଣସି ବ୍ୟକ୍ତି ବିନଷ୍ଟ ହେବା ସଦାପ୍ରଭୁ ଇଚ୍ଛା କରନ୍ତି ନାହିଁ । ବରଂ ତାହାଙ୍କ ନିକଟକୁ ଯାଇ ପାପରୁ ମୁକ୍ତ ହୋଇ ପରିତ୍ରାଣ ପାଇବା ସେ ଇଚ୍ଛା କରନ୍ତି । ପାଉଲ ତୀମଥିଙ୍କୁ ଲେଖନ୍ତି,''ସମସ୍ତେ ଯେପରି ପରିତ୍ରାଣ ଓ ସତ୍ୟ ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତ ହୁଅନ୍ତି । ଏହା ସେ ଇଚ୍ଛା କରନ୍ତି । ଦୁଷ୍ଟର ମରଣ ସୁକୃତ । ଯେଉଁମାନେ ଓସାର ଓ ପ୍ରଶସ୍ତ ମାର୍ଗରେ ଚାଲିବାକୁ ଇଚ୍ଛା କରନ୍ତି । ସେମାନେ ଆପଣା ମରଣ ଆପେ ଲୋଡ଼ନ୍ତି । ପାପୀର ଅନାଜ୍ଞାବହତା ତାହାଙ୍କୁ ଆତ୍ମିକ ମରଣର

ସମ୍ମୁଖୀନ କରେ । ପାପୀର ମରଣରେ ପରମେଶ୍ୱରଙ୍କ ସନ୍ତୋଷ ନଥିଲେ ସୁଦ୍ଧା, ପାପୀ ଆପଣା କୃତକର୍ମ ଦ୍ୱାରା ମରଣ ଭୋଗିବ । କିନ୍ତୁ ଆମ୍ଭମାନଙ୍କ ସଦାପ୍ରଭୁ ପାପୀର ମୁକ୍ତି ନିମନ୍ତେ ପରିତ୍ରାଣର ଯୋଜନା କରିଅଛନ୍ତି । ଈଶ୍ୱର ଶାଉଲଙ୍କୁ ପାଉଲ ରୂପେ ପରିବର୍ତ୍ତନ କରିଥିଲେ, କାରଣ ସଦାପ୍ରଭୁଙ୍କ ସେବାରେ ସେ ଅତ୍ୟନ୍ତ ଆସକ୍ତ ଥିଲେ । ସତ୍ୟ ଅନ୍ୱେଷଣକାରୀ କୁଶଦେଶୀୟ ନପୁଂସକଙ୍କ ତୃଷ୍ଣା ମେଣ୍ଟାଇବା ନିମନ୍ତେ ଈଶ୍ୱର ତାହାଙ୍କ ନିକଟକୁ ସୁସମାଚାର ପ୍ରଚାରକ ଫିଲିପ୍‌ଙ୍କୁ ପଠାଇଥିଲେ । ଧାର୍ମିକତା ନିମନ୍ତେ ତୃଷିତ ଇତାଲୀୟ ଶତ ସେନାପତି କର୍ଣ୍ଣଲୀୟଙ୍କ ନିକଟକୁ ଈଶ୍ୱରଙ୍କ ଧାର୍ମିକତା ପ୍ରଚାର କରିବା ନିମନ୍ତେ ପ୍ରେରିତ ପିତର ପ୍ରେରଣ ହୋଇଥିଲେ । ପରମେଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରି ତାହାଙ୍କ ଇଚ୍ଛା ଆମ୍ଭମାନଙ୍କ ପ୍ରତି ସପ୍ରମାଣ କରିଅଛନ୍ତି । "ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରିଅଛନ୍ତି ।" (ରୋମୀୟ ୫:୮) । ଏହି ପାପମୟ ଜଗତକୁ ଧର୍ମଶାସ୍ତ୍ର ଅର୍ଥାତ୍ ବାଇବଲ ଲିଖିତ କରି ତାହାଙ୍କ ଇଚ୍ଛା ଆମ୍ଭମାନଙ୍କୁ ପ୍ରକାଶ କରିଅଛନ୍ତି । "ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ" (୨ୟ ତିମଥି ୩:୧୬-୧୭) । ଏହି ଜଗତରେ ତାହାଙ୍କ ମଣ୍ଡଳୀ ସ୍ଥାପିତ କରି ସେ ଆପଣା ଇଚ୍ଛା ପ୍ରକାଶ କରନ୍ତି । ସୁସମାଚାର ପ୍ରଚାରକଙ୍କ ପ୍ରଚାରିତ ପ୍ରସଙ୍ଗ ଦ୍ୱାରା ଲିଖିତ ଅନେକ ପତ୍ରପତ୍ରିକା ଦ୍ୱାରା, ରେଡ଼ିଓ ଦ୍ୱାରା, ଟି.ଭି. ଦ୍ୱାରା ସଦାପ୍ରଭୁ ଆପଣଙ୍କୁ ତାହାଙ୍କ ନିକଟକୁ ଫେରି ଆସିବା ନିମନ୍ତେ ସେ ଆହ୍ୱାନ କରନ୍ତି ।

ସଦାପ୍ରଭୁ ଆପଣଙ୍କୁ ଶାରୀରିକ ଓ ଆତ୍ମିକ ଭାବେ ସୁସ୍ଥ କରିବାକୁ ଇଚ୍ଛା କରନ୍ତି । ଆପଣ କି ତାହାଙ୍କ ନିକଟକୁ ଆସିବାକୁ ଇଚ୍ଛା କରୁଅଛନ୍ତି ? "ଯେ ପର୍ଯ୍ୟନ୍ତ ସଦାପ୍ରଭୁଙ୍କର ଉଦ୍ଦେଶ୍ୟ ମିଳୁଅଛି ସେ ପର୍ଯ୍ୟନ୍ତ ତୁମ୍ଭେମାନେ ତାହାଙ୍କର ଅନ୍ୱେଷଣ କର । ଯେ ପର୍ଯ୍ୟନ୍ତ ସେ ନିକଟରେ ଅଛନ୍ତି, ସେ ପର୍ଯ୍ୟନ୍ତ ତାହାଙ୍କ ଠାରେ ପ୍ରାର୍ଥନା କର ।" (ଯିଶାଇୟ ୫୫:୬)

- Kabita Gootam

❋❋❋

# ସ୍ତ୍ରୀମାନେ କି ପ୍ରାର୍ଥନା କରିପାରନ୍ତି ?

## (Can Women Pray ?)

ସ୍ତ୍ରୀ ଓ ପରମେଶ୍ୱରଙ୍କ ମଧ୍ୟରେ ଥିବା ସମ୍ବନ୍ଧ ବିଷୟରେ ଅନେକଙ୍କର ଅନେକ ଧାରଣା ରହିଅଛି । ପୁରୁଷମାନଙ୍କ ସଦୃଶ୍ୟ ସ୍ତ୍ରୀମାନେ ପରମେଶ୍ୱରଙ୍କ ଛାମୁରେ ପ୍ରାର୍ଥନା କରିପାରନ୍ତି ବୋଲି ଅନେକ ଶିକ୍ଷା ଦିଅନ୍ତି । ଆଉ ଅନେକ ସ୍ଥାନରେ ସ୍ତ୍ରୀମାନେ ହିଁ ଆରାଧନାରେ ନେତୃତ୍ୱ ବହନ କରିଥାନ୍ତି ।

ପ୍ରଶ୍ନ ଉଠେ, ''ସ୍ତ୍ରୀମାନଙ୍କ ବିଷୟରେ, ସେମାନଙ୍କ ଆରାଧନାରେ ପାତ୍ର ନେବା ବିଷୟରେ ଏବଂ ପ୍ରାର୍ଥନା ବିଷୟରେ ବାଇବଲ କଅଣ କହେ ?''

ସର୍ବପ୍ରଥମେ, ଆମ୍ଭମାନଙ୍କୁ ପୁରାତନ ବ୍ୟବସ୍ଥା ଓ ନୂତନ ବ୍ୟବସ୍ଥାର ପ୍ରଭେଦ ବୁଝିବା ଅତ୍ୟାବଶ୍ୟକ । ମାନବ ସୃଷ୍ଟିର ଆରମ୍ଭ ବେଳାରେ ସଦାପ୍ରଭୁ ପରମେଶ୍ୱର ପରିବାରର ମୁଖ୍ୟ ବ୍ୟକ୍ତି ସହିତ କଥାବାର୍ତ୍ତା କରୁଥିଲେ । ମହାବନ୍ୟାରୁ ନୋହଙ୍କ ପରିବାର ରକ୍ଷା ପାଇବା ନିମନ୍ତେ, ନୋହଙ୍କୁ ସଦାପ୍ରଭୁ ଏକ ଜାହାଜ ନିର୍ମାଣ କରିବାକୁ ଆଜ୍ଞା ଦେଇଥିଲେ । (ଆଦି ୬-୯) । କିଛି ସମୟ ପରେ ସଦାପ୍ରଭୁ, ଅବ୍ରାହମଙ୍କୁ ଆପଣା ପରିବାର ସହ ଆପଣା ଦେଶ ତ୍ୟାଗ କରି ପ୍ରତିଜ୍ଞାତ ଦେଶକୁ ପ୍ରସ୍ଥାନ କରିବାକୁ ଆଜ୍ଞା ଦେଇଥିଲେ । ଆଦି ୧୧-୨୫ ପର୍ବ ପଢ଼ନ୍ତୁ ।

ଅବ୍ରାହାମଙ୍କ ବଂଶଜ ଇଶ୍ରାଏଲୀୟ ସନ୍ତାନମାନଙ୍କ ଅନ୍ୟ ଦେବତାମାନଙ୍କ ପ୍ରତି ଆସକ୍ତ ରହିବା ଦେଖି, ସଦାପ୍ରଭୁ ସେମାନଙ୍କୁ ମୋଶାଙ୍କ ଦ୍ୱାରା ବ୍ୟବସ୍ଥା ପ୍ରଦାନ କରିଥିଲେ । ଏହି ବ୍ୟବସ୍ଥାରେ, ପ୍ରଜାମାନେ ଯାଜକମାନଙ୍କ ଦ୍ୱାରା ସଦାପ୍ରଭୁଙ୍କୁ ଆପଣା ଦାନ ଓ ବଳି ଅର୍ପଣ କରୁଥିଲେ ଏବଂ ଯାଜକତ୍ୱ ନିମନ୍ତେ ସଦାପ୍ରଭୁ ଲେବୀୟମାନଙ୍କୁ ମନୋନୀତ କରିଥିଲେ । ଲେବୀ ପୁସ୍ତକର ୮ ଓ ୯ମ ପର୍ବରେ ଲେବୀ ଯାଜକମାନଙ୍କ କାର୍ଯ୍ୟ ବର୍ଣ୍ଣନା କରାଯାଇଅଛି ।

ମୋଶାଙ୍କ ବ୍ୟବସ୍ଥା କିଅବା ପୁରାତନ ବ୍ୟବସ୍ଥାର ଆବଶ୍ୟକତା କଅଣ ? ପାଉଲ ଗାଲାତୀ ୩:୧୯ରେ କହନ୍ତି,''.........ଯେଉଁ ସନ୍ତାନମାନଙ୍କୁ ଲକ୍ଷ୍ୟ କରି ପ୍ରତିଜ୍ଞା କରାଯାଇଥିଲା, ତାହାଙ୍କ ନ ଆସିବା ପର୍ଯ୍ୟନ୍ତ ତାହା ଆଜ୍ଞା ଲଙ୍ଘନ ହେତୁ ଯୋଗ କରାଯାଇଥିଲା, ପୁଣି ତାହା ଦୂତମାନଙ୍କ ଦ୍ୱାରା ଜଣେ ମଧ୍ୟସ୍ଥ ହସ୍ତରେ ସ୍ଥାପିତ ହୋଇଥିଲା ।'' ୧୬ମ ଅନୁଯାୟୀ ସେହି ପ୍ରତିଜ୍ଞାତ ସନ୍ତାନ ଖ୍ରୀଷ୍ଟ ଅଟନ୍ତି । ''ଏହି ପ୍ରକାରେ ବିଶ୍ୱାସ ହେତୁ ଆମ୍ଭମାନଙ୍କର ଧାର୍ମିକ ଗଣିତ ହେବା ନିମନ୍ତେ ଖ୍ରୀଷ୍ଟଙ୍କ

ଆଗମନ ପର୍ଯ୍ୟନ୍ତ ବ୍ୟବସ୍ଥା ଆମ୍ଭମାନଙ୍କୁ ଶିକ୍ଷକ ସ୍ୱରୂପ ହୋଇଥିଲା । .........କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ ।'' (ଗାଲାତୀ ୩:୨୪,୨୬)

ଅତଏବ, ଖ୍ରୀଷ୍ଟଙ୍କ ନୂତନ ବ୍ୟବସ୍ଥା ଦ୍ୱାରା ଖ୍ରୀଷ୍ଟିୟାନମାନେ ଆବଦ୍ଧ । ଏହି ଯୁଗରେ ସ୍ତ୍ରୀମାନଙ୍କ ଅଂଶ କଅଣ ? ସ୍ତ୍ରୀ କି ପରିତ୍ରାଣପ୍ରାପ୍ତ ହୋଇପାରେ ? ସେ କି ଆରାଧନା କରିପାରେ ? ସେ କି ପ୍ରାର୍ଥନା କରିପାରେ ? ତାହାର କାର୍ଯ୍ୟରେ କି ସଦାପ୍ରଭୁ ତୁଷ୍ଟ ?

ଗାଲାତୀ ୩:୨୬-୨୮ ପଦରେ ଆମ୍ଭେମାନେ କିପରି ଈଶ୍ୱରଙ୍କ ସନ୍ତାନ ହୋଇପାରିଥାଉଁ ଏବଂ ପରମେଶ୍ୱରଙ୍କ ଦୃଷ୍ଟିରେ କୌଣସି ମୁଖାପେକ୍ଷା ନାହିଁ ବୋଲି ସୁସ୍ପଷ୍ଟ କରାଯାଏ । ''କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ସନ୍ତାନ ହୋଇଅଛ....... ଯିହୂଦୀ କି ଗ୍ରୀକ୍, ଦାସ କି ସ୍ୱାଧୀନ, ପୁରୁଷ ଓ ସ୍ତ୍ରୀ, ତୁମ୍ଭମାନଙ୍କ ମଧ୍ୟରେ କିଛିର ହିଁ ପ୍ରଭେଦ ନାହିଁ, କାରଣ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ତୁମ୍ଭେମାନେ ଏକ ।'' (ଗାଲାତୀ ୩:୨୬-୨୮) । ଏହି ପଦଗୁଡ଼ିକ ଦ୍ୱାରା ସଦାପ୍ରଭୁଙ୍କ ଦୃଷ୍ଟିରେ ମନୁଷ୍ୟମାନଙ୍କ ମଧ୍ୟରେ କିଛି ପ୍ରଭେଦ ନାହିଁ ବୋଲି ବୁଝିପାରୁ । ପ୍ରଭୁଙ୍କ ଦୃଷ୍ଟିରେ କେବଳ ଦୁଇବର୍ଗର ମନୁଷ୍ୟ ଅଛନ୍ତି - ଯେଉଁମାନେ ଖ୍ରୀଷ୍ଟଙ୍କର ସହିତ ଜଡ଼ିତ ଖ୍ରୀଷ୍ଟଙ୍କ ସନ୍ତାନ ଏବଂ ଯେଉଁମାନେ ଖ୍ରୀଷ୍ଟଙ୍କ ଠାରୁ ଉଚ୍ଛିନ୍ନ ଏହି ଜାଗତିକ ସନ୍ତାନ । ଜାତି, ଦେଶ, ବର୍ଣ୍ଣ, ସ୍ତ୍ରୀ, ପୁରୁଷ କିଅବା ଆର୍ଥିକ ସ୍ଥିତି ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ଦୃଷ୍ଟିରେ ପ୍ରଭେଦ ଆଣିପାରେ ନାହିଁ ।

ଅତଏବ, ପୁରୁଷମାନଙ୍କ ଆତ୍ମା ସଦୃଶ୍ୟ, ସ୍ତ୍ରୀମାନଙ୍କ ଆତ୍ମା ପରମେଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ । ପରମେଶ୍ୱର ତାହାର ପାପକ୍ଷମା କରନ୍ତି ଓ ତାହାର ପ୍ରାର୍ଥନା ଶ୍ରବଣ କରନ୍ତି । ୧ମ ପିତର ୩:୭, ସ୍ତ୍ରୀକୁ ଜୀବନରୂପ ଅନୁଗ୍ରହଦାନର ସହାଧିକାରିଣୀ ରୂପେ ବର୍ଣ୍ଣନା କରେ । ପ୍ରାର୍ଥନାରେ ଯେପରି ବାଧା ନ ଜନ୍ମେ, ଏଥି ନିମନ୍ତେ ଜ୍ଞାନରେ ସେମାନଙ୍କ ସହ ବାସ କରିବା ନିମନ୍ତେ ପିତର ଖ୍ରୀଷ୍ଟିୟାନମାନଙ୍କୁ ଏହି ପଦରେ ଉତ୍ସାହିତ କରନ୍ତି ।

କେତେକ ସ୍ତ୍ରୀମାନଙ୍କ ମଣ୍ଡଳୀରେ ପରିଚର୍ଯ୍ୟା ବିଷୟରେ ଲିଖିତ ହୋଇଅଛି । ''କେଙ୍କ୍ରେୟାସ୍ଥ ମଣ୍ଡଳୀର ସେବିକା ଆମ୍ଭମାନଙ୍କ ଭଗ୍ନୀ ଫୌବୀ ସପକ୍ଷରେ.......'' (ରୋମୀୟ ୧୬:୧), ଏବଂ ୩ୟ ପଦ କହେ, ''ଖ୍ରୀଷ୍ଟ ଯୀଶୁଙ୍କ କାର୍ଯ୍ୟରେ ମୋହର ସହକର୍ମୀ ପ୍ରୀସ୍କା ଓ ଆକ୍ୱିଲାଙ୍କୁ ନମସ୍କାର ଜଣାଅ ।'' ୬ମ ପଦ କହେ, ''ମରିୟମଙ୍କୁ ନମସ୍କାର ଜଣାଅ, ସେ ତୁମ୍ଭମାନଙ୍କ ନିମନ୍ତେ ବହୁ ପରିଶ୍ରମ କରିଥିଲେ ।'' ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକର ୧୬ମ ଅଧ୍ୟାୟରେ, ଲୁଦିଆ ନାମ୍ନୀ ଏକ

ସ୍ତ୍ରୀର ମନ ପରିବର୍ତ୍ତନର ଘଟଣା ପଢ଼ିପାରୁ । ନୂତନରେ ଖ୍ରୀଷ୍ଟଙ୍କ ଗ୍ରହଣ କରିଥିବା ଏକ ବିଶ୍ୱାସିନୀ ସ୍ତ୍ରୀ ପାଉଲ ଓ ତାହାଙ୍କ ସଙ୍ଗୀମାନଙ୍କୁ ଆପଣା ଗୃହରେ ସ୍ଥାନ ଦେଇ, ପ୍ରଭୁଙ୍କ ପରିଚର୍ଯ୍ୟାରେ ସାହାଯ୍ୟ କରିଥିଲେ ।

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଏହି ଜଗତରେ ପରିଚର୍ଯ୍ୟା କରିବା ସମୟରେ ତାହାଙ୍କ ଶିଷ୍ୟମାନଙ୍କ ବ୍ୟତୀତ ଅନେକ ସ୍ତ୍ରୀ ତାହାଙ୍କ ଅନୁଗମନ କରୁଥିଲେ । ମାଥିଉ ୨୭:୫୫ରେ ଲେଖାଯାଏ, ''ଆଉ ଅନେକ ସ୍ତ୍ରୀଲୋକ ସେ ସ୍ଥାନରେ ଥାଇ ଦୂରରୁ ଦେଖୁଥିଲେ, ସେମାନେ ଯୀଶୁଙ୍କ ସେବା କରୁ କରୁ ଗାଲିଲୀରୁ ତାହାଙ୍କ ସାଙ୍ଗରେ ଆସିଥିଲେ, ''..........ଆହୁରି ଅନେକ ସ୍ତ୍ରୀଲୋକ ତାହାଙ୍କ ସଙ୍ଗରେ ଥାଇ ଆପଣା ଆପଣା ସମ୍ପତ୍ତି ଦେଇ ସେମାନଙ୍କ ସେବା କରୁଥିଲେ ।'' (ଲୂକ ୮:୩) । ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ପରେ, ସେ ପ୍ରଥମେ ମଗଦଲିନୀ ମରିୟମଙ୍କୁ ଦର୍ଶନ ଦେଇଥିଲେ । ''ମଗଦଲୀନୀ ମରିୟମ ଯାଇ, ମୁଁ ପ୍ରଭୁଙ୍କୁ ଦେଖିଅଛି, ଆଉ ସେ ମୋତେ ଏହିସବୁ କହିଅଛନ୍ତି ବୋଲି ଶିଷ୍ୟମାନଙ୍କୁ ସମ୍ବାଦ ଦେଲେ ।'' (ଯୋହନ ୨୦:୧୮)

ଉପରୋକ୍ତ ବାକ୍ୟଗୁଡ଼ିକରୁ ସଦାପ୍ରଭୁଙ୍କ ଦୃଷ୍ଟିରେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ପାର୍ଥକ୍ୟ ନାହିଁ ବୋଲି ବୁଝି ପାରିଲୁ । ପୁରୁଷମାନଙ୍କ ସଦୃଶ୍ୟ ସ୍ତ୍ରୀମାନେ ପ୍ରାର୍ଥନା କରିପାରନ୍ତି ଓ ଖ୍ରୀଷ୍ଟଙ୍କ ପରିଚର୍ଯ୍ୟାରେ ସହ୍‌ଭାଗୀ ହୋଇପାରନ୍ତି । ନୂତନ ନିୟମରେ ଆରାଧନା ପଦ୍ଧତିରେ ଶୃଙ୍ଖଳତାରେ ନିର୍ବାହ ହେବା ନିମନ୍ତେ ପ୍ରଭୁ କେତେକ ନିୟମ ଦେଇଅଛନ୍ତି । ପବିତ୍ର ଆତ୍ମାଙ୍କ ଚାଳନାରେ ପାଉଲ ତୀମଥିଙ୍କୁ ଲେଖନ୍ତି,''ସ୍ତ୍ରୀ ପୂର୍ଣ୍ଣ ବଶତା ସ୍ୱୀକାର କରି ମୌନ ଭାବରେ ଶିକ୍ଷା ଗ୍ରହଣ କରୁ । ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ ଅବା ପୁରୁଷ ଉପରେ କର୍ତ୍ତାପଣ କରିବା ପାଇଁ ଅନୁମତି ଦେଉ ନାହିଁ, ମାତ୍ର ସେ ମୌନ ରହୁ, କାରଣ ପ୍ରଥମେ ଆଦମ ସୃଷ୍ଟି ହେଲେ, ତାହା ପରେ ହବା, ଆଉ ଆଦମ ପ୍ରବଞ୍ଚିତ ହୋଇନଥିଲେ, ମାତ୍ର ନାରୀ ପ୍ରବଞ୍ଚିତା ହୋଇ ଆଜ୍ଞାଲଙ୍ଘନ ଦୋଷରେ ଦୋଷୀ ହେଲେ, କିନ୍ତୁ ସେମାନେ ସୁବୁଦ୍ଧି ସହ ବିଶ୍ୱାସ, ପ୍ରେମ ଓ ପବିତ୍ରତାରେ ସ୍ଥିର ରହିଲେ, ସେ ସନ୍ତାନ ପ୍ରସବ କରିବା ଦ୍ୱାରା ପରିତ୍ରାଣ ପାଇପାରିବେ ।'' (୧ମ ତୀମଥି ୨:୧୧-୧୫) ଏହି ବିଷୟରେ ପାଉଲ ପୁନର୍ବାର କରିନ୍ଥୀ ମଣ୍ଡଳୀକୁ କହନ୍ତି,''ଖ୍ରୀଷ୍ଟ ଯେ ପ୍ରତ୍ୟେକ ପୁରୁଷର ମସ୍ତକ ସ୍ୱରୂପ ଏବଂ ପୁରୁଷ ଯେ ସ୍ତ୍ରୀର ମସ୍ତକ ସ୍ୱରୂପ ଏହା ତୁମ୍ଭେମାନେ ଜାଣ ବୋଲି ମୋର ଇଚ୍ଛା ।'' (୧ମ କରିନ୍ଥୀ ୨:୧୧-୧୫)

ଅତଏବ, ପୁରୁଷ ଠାରୁ ସ୍ତ୍ରୀ ଜାତ ହୋଇଥିବାରୁ ଏବଂ ସ୍ତ୍ରୀ ପୁରୁଷକୁ ଆଜ୍ଞା ଲଙ୍ଘନ କରିବାରେ ପ୍ରବର୍ତ୍ତାଇ ଥିବାରୁ, ସଦାପ୍ରଭୁ ପୁରୁଷକୁ ପରିବାରର ମୁଖ୍ୟ ସ୍ଥାନ ଦେଇଅଛନ୍ତି । ଆପଣା ଭାର୍ଯ୍ୟା ଓ ସନ୍ତାନମାନଙ୍କୁ ଭରଣପୋଷଣର ଭାର ସଦାପ୍ରଭୁ

ପୁରୁଷ ଉପରେ ନ୍ୟସ୍ତ କରିଅଛନ୍ତି । ଆରାଧନାରେ, କିଅବା ଅନ୍ୟାନ୍ୟ ଆଧ୍ୟାତ୍ମିକ ସଭାମାନଙ୍କରେ ନେତୃତ୍ୱ ନେବା ନିମନ୍ତେ ସଦାପ୍ରଭୁ ପୁରୁଷକୁ ମନୋନୀତ କରି ଅଛନ୍ତି । ସଦାପ୍ରଭୁଙ୍କ ଏହି ନିୟମକୁ ସ୍ତ୍ରୀମାନେ ପାଳନ କରିବା ଅତ୍ୟାବଶ୍ୟକ ।

ସାମୁହିକ ଉପାସନା ବ୍ୟତୀତ ଅନ୍ୟ ସ୍ଥାନରେ ସ୍ତ୍ରୀମାନେ,"......ସ୍ତ୍ରୀମାନଙ୍କୁ ସେହିପରି ପରନିନ୍ଦୁକା ଓ ମଦ୍ୟପାନରେ ଆସକ୍ତ ନହୋଇ ଶୁଦ୍ଧାଚାରିଣୀ ହେବାକୁ ଓ ସୁଶିକ୍ଷା ଦେବାକୁ ଅନୁରୋଧ କର । ଈଶ୍ୱରଙ୍କ ବାକ୍ୟ ଯେପରି ନିନ୍ଦିତ ନହୁଏ, ଏଥି ନିମନ୍ତେ ସେମାନେ ଯୁବତୀମାନଙ୍କୁ ପତିବ୍ରତା, ସନ୍ତାନବତ୍ସଳା, ସୁବୁଦ୍ଧି, ସତୀ, ସୁଗୃହିଣୀ, ସୁଶୀଳା ଓ ଆପଣା ଆପଣା ସ୍ୱାମୀର ବଶୀଭୂତା ହେବାକୁ ଶିକ୍ଷା ଦିଅନ୍ତୁ ......ଯେପରି ବିପକ୍ଷ ଲୋକ ଆମ୍ଭମାନଙ୍କ ବିଷୟରେ କୌଣସି ମନ୍ଦ କଥା କହିନପାରି ଲଜ୍ଜିତ ହେବ ।" (ତୀତସ ୨:୩-୮)

ପରିବାରରେ ଓ ସମାଜରେ ପୁରୁଷକୁ ନେତୃତ୍ୱର ଭାର ଓ ପରିବାରର ଯତ୍ନ ନେବା କାର୍ଯ୍ୟ ସଦାପ୍ରଭୁଙ୍କ ସଂକଳ୍ପରେ ସ୍ତ୍ରୀ କୌଣସିଭାବେ ଅବହେଳିତ ନୁହେଁ । ପ୍ରଭୁଙ୍କ ଦୃଷ୍ଟିରେ ପୁରୁଷ ଓ ସ୍ତ୍ରୀର ଆତ୍ମାରେ କୌଣସି ପ୍ରଭେଦ ନାହିଁ । ଧର୍ମଶାସ୍ତ୍ରରେ ଲିଖିତ ପ୍ରତ୍ୟେକ ଆଜ୍ଞା ଓ ପରମେଶ୍ୱରଙ୍କ ସହିତ ସମ୍ବନ୍ଧ ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ବର୍ତ୍ତାଏ । ସ୍ତ୍ରୀମାନେ କି ସଦାପ୍ରଭୁଙ୍କୁ ପ୍ରାର୍ଥନା କରିପାରନ୍ତି ? ପାଉଲ ଥେସଲନୀକୀ ମଣ୍ଡଳୀକୁ କହନ୍ତି,"ନିରନ୍ତର ପ୍ରାର୍ଥନା କର ।" (୧ମ ଥେସଲନୀକୀ ୫:୧୭) । ଏବ୍ରୀ ୪:୧୬ରେ ଲେଖାଯାଏ,"ଅତଏବ ଆସ, କୃପା ପ୍ରାପ୍ତି ନିମନ୍ତେ ପୁଣି ଉପଯୁକ୍ତ ସମୟରେ ଉପକାରକ ଅନୁଗ୍ରହ ପାଇବା ନିମନ୍ତେ ଆମ୍ଭେମାନେ ସାହସରେ ଅନୁଗ୍ରହ ସିଂହାସନ ନିକଟକୁ ଯାଉ । "ଆସ ଆମ୍ଭେମାନେ ସର୍ବପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କରୁ, ପୁଣି ସମସ୍ତ ସାଧୁଙ୍କ ନିମନ୍ତେ ଏକାନ୍ତ ଉଦ୍ୟମ ଓ ନିବେଦନ କରିବାରେ ଜାଗି ରହି ପ୍ରାର୍ଥନା କରୁ । (ଏଫିସୀ ୬:୧୮) । "......ସୁବୁଦ୍ଧି ହୁଅ, ପୁଣି ପ୍ରାର୍ଥନା କରିବା ପାଇଁ ସଚେତନ ଥାଅ ।" (୧ମ ପିତର ୪:୭) ।

ଈଶ୍ୱରଙ୍କ କାର୍ଯ୍ୟ ଓ ଈଶ୍ୱରଙ୍କ ଶକ୍ତି ଓ ଈଶ୍ୱରଙ୍କ ଇଚ୍ଛା ବାଇବଲ ଦ୍ୱାରା ଆମ୍ଭମାନଙ୍କ ନିକଟରେ ପ୍ରକାଶିତ ହୋଇଅଛି । ପ୍ରାର୍ଥନା ଦ୍ୱାରା ଆମ୍ଭେମାନେ ତାହାଙ୍କୁ ଆମ୍ଭମାନଙ୍କ ଆବଶ୍ୟକତା, ବିଜ୍ଞାପନା ଜଣାଇବାକୁ ସୁଯୋଗ ପାଇଥାଉ । ଯେତେଦିନ ପର୍ଯ୍ୟନ୍ତ ଏହି ଯୋଗାଯୋଗ ଥାଏ, ସେତେଦିନ ପର୍ଯ୍ୟନ୍ତ ଖ୍ରୀଷ୍ଟିୟାନ ସ୍ତ୍ରୀ, ସଦାପ୍ରଭୁଙ୍କ ସହିତ ଏକ ସୁଦୃଢ଼ ସଂପର୍କ ରଖିପାରେ ।

- Belty Choate

# ବିଶ୍ୱାସ କେବେ ଆମ୍ଭମାନଙ୍କୁ ରକ୍ଷା କରେ ?

## (When does faith save ?)

ବାଇବଲର କୌଣସି ପାଠକ, ବିଶ୍ୱାସ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେବା ବିଷୟ ନାସ୍ତି କରି ନପାରେ । (ଏଫିସୀ ୨:୮-୧୦, ରୋମୀୟ ୫:୧) । ତେବେ ବିଶ୍ୱାସ କେବେ ଆମ୍ଭମାନଙ୍କୁ ରକ୍ଷା କରିପାରେ ? ବିଶ୍ୱାସରେ ଆମ୍ଭେମାନେ ଈଶ୍ୱରଙ୍କ ଆଜ୍ଞାପାଳନ କଲେ, ଆମ୍ଭେମାନେ ପରିତ୍ରାଣ ପାଇପାରୁ ।

ପାପୀ ମନୁଷ୍ୟ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଖ୍ରୀଷ୍ଟଙ୍କ ସୁସମାଚାର ଆଜ୍ଞାବହ ହେବା ଆବଶ୍ୟକ । ଯୀଶୁ କହିଲେ, "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) ପିତର କହିଲେ, "........ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮) ଲୂକ ୧୩:୩ ଓ ୨୪:୪୭ ଦ୍ୱାରା, ମନ ପରିବର୍ତ୍ତନ ଖ୍ରୀଷ୍ଟଙ୍କ ଆଜ୍ଞା ଅଟେ । ତାହାଙ୍କୁ ମନୁଷ୍ୟମାନଙ୍କ ସମ୍ମୁଖରେ ସ୍ୱୀକାର କରିବେ ବୋଲି ଈଶ୍ୱରଙ୍କ ଛାମୁରେ ସ୍ୱୀକାର କରିବେ ବୋଲି ମାଥିଉ ୧୦:୩୨-୩୩ ପଦଗୁଡ଼ିକରେ କହିଅଛନ୍ତି ।

ଅତଏବ, ମନୁଷ୍ୟ ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କରି, ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ତାହାଙ୍କୁ ମନୁଷ୍ୟମାନଙ୍କ ସମ୍ମୁଖରେ ବିଶ୍ୱାସ କରି, ବାପ୍ତିଜିତ ହେବା ଆବଶ୍ୟକ, ଏତଦ୍ୱାରା ମନୁଷ୍ୟ ଆପଣା ପାପରୁ ମୁକ୍ତ ହୋଇ ପରିତ୍ରାଣ ପାଇପାରିବ ।

"ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ତୁମ୍ଭେମାନେ, ଯେଉଁମାନେ କି ପୂର୍ବରେ ପାପର ଦାସ ଥିଲ, ଏବେ ଯେଉଁ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇଅଛ, ହୃଦୟ ସହ ସେଥିର ଆଜ୍ଞାବହ ହୋଇଅଛ ।" (ରୋମୀୟ ୬:୧୭-୧୮) ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ଉତ୍ଥାନ ସେହି 'ଶିକ୍ଷାର ଆଦର୍ଶ' ଅଟେ । ବିଶ୍ୱାସ ଓ ହୃଦୟ ସହ ଏହି ଶିକ୍ଷାର ଆଦର୍ଶକୁ ପାଳନ କଲେ, ଆମ୍ଭେମାନେ ଆମ୍ଭମାନଙ୍କ ପାପରୁ ମୁକ୍ତ ହୋଇପାରୁ । (ରୋମୀୟ ୬:୩-୫ ପଦଗୁଡ଼ିକରୁ ଆମ୍ଭେମାନେ ସେହି 'ଶିକ୍ଷାର ଆଦର୍ଶ' କିପରି ପାଳନ କରିପାରୁ ବର୍ଣ୍ଣିତ ହୋଇଅଛି । ଏହି ବିଷୟର ପ୍ରମାଣ, ଶାଉଲ ଜୀବନୀରୁ ପ୍ରସ୍ଫୁଟିତ ହୁଏ । ପ୍ରଭୁ ଯୀଶୁ ଖ୍ରୀଷ୍ଟ ତାହାଙ୍କୁ ଦମେସ୍କ ମାର୍ଗରେ ଦର୍ଶନ ଦେଇଥିଲେ । (ପ୍ରେରିତ ୯ମ ପର୍ବ) । ଶାଉଲ, ଯୀଶୁଙ୍କ ଠାରେ ବିଶ୍ୱାସ କରି

ତାହାଙ୍କୁ ପ୍ରଶ୍ନ କଲେ,"..........ପ୍ରଭୋ, ମୁଁ କଅଣ କରିବି ?" (୨୨:୧୦) । ସେ ତିନିଦିନ ପର୍ଯ୍ୟନ୍ତ ଦୃଷ୍ଟିହୀନ ହୋଇ କିଛି ଖାଇଲେ, ନାହିଁକି ପିଇଲେ ନାହିଁ । ତାହାଙ୍କ ମନ ପରିବର୍ତ୍ତନ ପରେ ଦମେସ୍କକର ପ୍ରଭୁଙ୍କ ଶିଷ୍ୟ ହନନୀୟ ପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ଶାଉଲଙ୍କ ନିକଟକୁ ଯାଇ କହିଲେ,"ଆଉ, ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ ।" (ପ୍ରେରିତ ୨୨:୧୬)

ଆପଣ ଯଦି ଏବେ ପର୍ଯ୍ୟନ୍ତ ଏହି ଶିକ୍ଷାର ଆଦର୍ଶକୁ ଆପଣାକୁ ସମର୍ପଣ କରିନାହାନ୍ତି, ଖ୍ରୀଷ୍ଟଙ୍କ ସୁସମାଚାର ଆଜ୍ଞାବହ ହୋଇନାହାନ୍ତି, ତେବେ ଏହି ବାକ୍ୟ ଆପଣଙ୍କ ନିମନ୍ତେ । ଖ୍ରୀଷ୍ଟଙ୍କ ସୁସମାଚାରର ଆଜ୍ଞାବହ ହେବା ନିମନ୍ତେ ଆମ୍ଭେ ଆପଣଙ୍କୁ ଉତ୍ସାହିତ କରୁ । ଜୀବନର ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତ ରହି, ଜୀବନର ମୁକୁଟ ପ୍ରାପ୍ତ ହୁଅନ୍ତୁ ।

**- Charles Box**

❋❋❋

# ଖ୍ରୀଷ୍ଟଙ୍କ ସହିତ ସମ୍ପର୍କ

ଯେଉଁମାନେ ଖ୍ରୀଷ୍ଟଙ୍କ ସଂପର୍କରେ ଆସନ୍ତି, ସେମାନଙ୍କ ଜୀବନ ତତ୍‌କ୍ଷଣାତ୍ ବଦଳିଯାଏ । ଅଯୋଗ୍ୟ ଓ ଅବୋଧ ମନୁଷ୍ୟମାନଙ୍କ ପରିବର୍ତ୍ତିତ ଜୀବନ ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରେ । "ଜଖିୟ, ନାମରେ ଜଣେ ଲୋକ ଥିଲେ, ସେ ଜଣେ ପ୍ରଧାନ କରଗ୍ରାହୀ ଓ ଧନୀ ଲୋକ । ଯୀଶୁ କିଏ, ତାହା ଦେଖିବାକୁ ସେ ଚେଷ୍ଟା କରୁଥିଲେ କିନ୍ତୁ ଲୋକମାନଙ୍କର ଭିଡ଼ ସକାଶୁ ଦେଖିପାରୁନଥିଲେ କାରଣ ସେ ବାଙ୍ଗର ଥିଲେ । ଏଣୁ ସେ ଆଗକୁ ଦୌଡ଼ିଯାଇ ତାହାଙ୍କୁ ଦେଖିବା ନିମନ୍ତେ ଗୋଟିଏ ଡିମ୍ବିରି ଗଛରେ ଚଢ଼ିଲେ, କାରଣ ସେହି ବାଟ ଦେଇ ତାହାଙ୍କ ଯିବାର ଥିଲା । ଯୀଶୁ ସେ ସ୍ଥାନକୁ ଆସି ଉପରକୁ ଚାହିଁ ତାହାଙ୍କୁ କହିଲେ, ଜଖିୟ, ଶୀଘ୍ର ଓହ୍ଲାଇ ଆସ, କାରଣ ଆଜି ମୋତେ ଅବଶ୍ୟ ତୁମ୍ଭ ଠାରେ ରହିବାକୁ ହେବ । ସେଥିରେ ସେ ଶୀଘ୍ର ଓହ୍ଲାଇ ଆସି ଆନନ୍ଦରେ ତାହାଙ୍କର ଆତିଥ୍ୟ କଲେ ।" (ଲୂକ ୧୯:୨-୬) । କରଗ୍ରାହୀମାନଙ୍କୁ ଯିହୂଦୀମାନେ ପାପୀ ଓ ଅତ୍ୟାଚାରୀ ମଣୁଥିବାରୁ, ତାହାଙ୍କୁ ଗୃହରେ ଯୀଶୁଖ୍ରୀଷ୍ଟ ଆତିଥ୍ୟ ପାଇବା ସେମାନଙ୍କ ନିମନ୍ତେ ବଚସାର କାରଣ ହୋଇଥିଲା । କିନ୍ତୁ ଜଖିୟ ଛିଡ଼ା ହୋଇ କହିଲେ,"......ମୋର ସମ୍ପତ୍ତିର ଅର୍ଦ୍ଧେକ ମୁଁ ଦରିଦ୍ରମାନଙ୍କୁ ଦାନ କରୁଅଛି, ଆଉ ଯଦି ଅନ୍ୟାୟରେ କାହାରିଠାରୁ କିଛି ନେଇଥାଏ, ତେବେ ଚାରିଗୁଣରେ

ତାହା ଫେରାଇଦେଉଅଛି ।'' (ଲୁକ ୧୯:୮) ଅତି ଅଳ୍ପ ସମୟରେ ଯୀଶୁଙ୍କ ସଂପର୍କରେ ଆସି ଜକ୍କିୟଙ୍କ ଜୀବନ ପରିବର୍ତ୍ତିତ ହୋଇଥିଲା । ଯୀଶୁଙ୍କ ସହିତ ସଂପର୍କ ଓ ତାହାଙ୍କ ସ୍ପର୍ଶରେ କେତେ ଶକ୍ତି ଅଛି ।

ମତ୍ସ୍ୟଜୀବୀମାନଙ୍କ ଜୀବନରେ ପ୍ରଭୁ ଯୀଶୁ ପରିବର୍ତ୍ତନ ଆଣିଥିଲେ । ସଦା ତତ୍ପର ପିତର ଆପଣା ବାକ୍‌ଚାତୁରୀ ନିମନ୍ତେ ପ୍ରସିଦ୍ଧ । ପିତର ଓ ଯୋହନଙ୍କୁ ବନ୍ଦୀ କରିଥିବା ଧାର୍ମିକ ନେତାମାନେ, ପିତର ଆପଣା ସପକ୍ଷରେ କହିଥିବା ବାଦାନୁବାଦ ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ବାକ୍ୟ କହେ, ''ସେମାନେ ପିତର ଓ ଯୋହନଙ୍କ ସାହସ ଦେଖି ଏବଂ ସେମାନେ ଯେ ଅଶିକ୍ଷିତ ଓ ଅଜ୍ଞାନ ଲୋକ, ଏହା ବୁଝି ଚମତ୍କୃତ ହେଲେ, ପୁଣି ସେମାନେ ଯୀଶୁଙ୍କ ସଙ୍ଗରେ ଥିଲେ ବୋଲି ସେମାନଙ୍କୁ ଚିହ୍ନିଲେ.....'' (ପ୍ରେରିତ ୪:୧୩) । ଅଶିକ୍ଷିତ ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ଏପରି ପରିବର୍ତ୍ତନର କାରଣ କଅଣ ? ସେମାନେ ଯୀଶୁଙ୍କ ସାଙ୍ଗରେ ଥିଲେ । ତାହାଙ୍କ ଠାରୁ ପ୍ରାପ୍ତ ନେତାମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ଯୀଶୁଙ୍କ ସଂପର୍କରେ କେତେ ଶକ୍ତି !

ଯୀଶୁ, ଏକ ହତ୍ୟାକାରୀ ଓ ତାଡ଼ନାକାରୀ ଜୀବନରେ ପରିବର୍ତ୍ତନ ଆଣିଥିଲେ । ଖ୍ରୀଷ୍ଟଙ୍କ ଅନୁଚରମାନଙ୍କୁ ତାଡ଼ନା କରିବା ନିମନ୍ତେ ଦାମସ୍କକର ଖ୍ରୀଷ୍ଟିୟାନମାନଙ୍କୁ ବନ୍ଦୀ କରିବା ନିମନ୍ତେ ଶାଉଲ ଅଧିକାରପ୍ରାପ୍ତ ହୋଇଥିଲେ, ସେମାନଙ୍କୁ ଅନେକଙ୍କୁ ବନ୍ଦୀ କରି ହତ୍ୟା କରିବା ତାହାଙ୍କ ଯୋଜନା ଥିଲା । ଦମେସ୍କକ ଯିବା ରାସ୍ତାରେ ଯୀଶୁ ପାଉଲଙ୍କୁ ଦର୍ଶନ ଦେଇ କହିଲେ,''ହେ ଶାଉଲ, ହେ ଶାଉଲ, କାହିଁକି ଆମ୍ଭକୁ ତାଡ଼ନା କରୁଅଛ ? ସେ କହିଲେ, ହେ ପ୍ରଭୁ ଆପଣ କିଏ ? ଆଉ ସେ କହିଲେ, ଯାହାକୁ ତୁମ୍ଭେ ତାଡ଼ନା କରୁଅଛ, ଆମ୍ଭେ-ସେହି ଯୀଶୁ ।'' (ପ୍ରେରିତ ୯:୩-୬) ତତ୍‌କ୍ଷଣାତ୍ ଶାଉଲଙ୍କ ଜୀବନ ପରିବର୍ତ୍ତିତ ହୋଇଥିଲା । ତତ୍ପରେ ଯୀଶୁଙ୍କ ଅନ୍ୟ ଏକ ଶିଷ୍ୟ ଦ୍ୱାରା ଶାଉଲ ପରିତ୍ରାଣର ମାର୍ଗ ଶିକ୍ଷା କରିଥିଲେ । ଯୀଶୁଙ୍କ ସ୍ୱରରେ କେତେ ଶକ୍ତି !

ଆପଣଙ୍କ ଜୀବନ ମଧ୍ୟ ଖ୍ରୀଷ୍ଟଙ୍କ ସଂପର୍କରେ ଆସିଲେ ପରିବର୍ତ୍ତିତ ହେବ । ଅନ୍ୟମାନେ ଯଦିଓ ଆପଣଙ୍କୁ ଅଯୋଗ୍ୟ ମଣନ୍ତି, ଯୀଶୁଙ୍କ ସଂପର୍କରେ ଆସନ୍ତୁ, ସେ ଆପଣଙ୍କ ଜୀବନ ପରିବର୍ତ୍ତନ କରିବେ । ଆପଣ ଅଶିକ୍ଷିତ ଓ ଅଜ୍ଞାନୀ ଥିଲେ ସୁଦ୍ଧା ଯୀଶୁ ଆପଣଙ୍କୁ ଜ୍ଞାନ ହେବେ । ଅନ୍ୟମାନଙ୍କ ନିମନ୍ତେ ଆପଣ ହାନୀକାରକ ହେଲେ ସୁଦ୍ଧା, ସେମାନଙ୍କ ନିମନ୍ତେ ହିତଜନକ ଜୀବନ ପ୍ରଭୁ ଯୀଶୁ ଆପଣଙ୍କୁ ଦେବେ । ଯୀଶୁଙ୍କ ସଂପର୍କରେ ଆସନ୍ତୁ, ସେ ଆପଣଙ୍କ ଜୀବନ ପରିବର୍ତ୍ତନ କରିବେ ।

**- K.S. Swamidas**

# ଆମ୍ଭମାନଙ୍କ ପ୍ରତି ଶୟତାନର ନୂତନ କୌଶଳ
## (Saitan makes New offers to us)

ମୋଶା ହାରେବ୍ ପର୍ବତ ଉପରେ ଅଗ୍ନିଶିଖାରେ ପ୍ରଜ୍ୱଳିତ ବୁଦା ଦେଖିବା ସମୟରେ, ତାହାଙ୍କ ଜୀବନରେ କଅଣ ସଞ୍ଚିତ ହୋଇଥିଲା, ସେ ଜାଣିନଥିଲେ । ମିସର ଦେଶର ବନ୍ଦୀତ୍ୱର ସ୍ୱାଧୀନ ସଂଗ୍ରାମର ନେତା ରୂପେ ସଦାପ୍ରଭୁ ମୋଶାଙ୍କୁ ମନୋନୀତ କରିଥିଲେ । ମିସର ରାଜା ପ୍ରଥମେ କିନ୍ତୁ ଇଶ୍ରାଏଲମାନଙ୍କୁ ବନ୍ଦୀତ୍ୱରୁ ମୁକ୍ତ କରିବା ନିମନ୍ତେ ରାଜି ହୋଇ ନ ଥିଲେ । ତଦ୍ୱାରା ସଦାପ୍ରଭୁ ମିସର ଦେଶରେ ଅନେକ ଚିହ୍ନ ଦ୍ୱାରା ତାହାଙ୍କ ଶକ୍ତି ପ୍ରକଟ କରିଥିଲେ । ସଦାପ୍ରଭୁଙ୍କ ପ୍ରେରିତ ମହାମାରୀଗୁଡ଼ିକ ଦ୍ୱାରା ଫାରୋଙ୍କ ମନ ବଦଳିଲା, କିନ୍ତୁ ମହାମାରୀ ନିବୃତ ହେବା ପରେ ପୁନଃର୍ବାର ଫାରୋ ଆପଣା ହୃଦୟ କଠିନ କରିଥିଲେ ।

ଇଶ୍ରାଏଲମାନେ ଯେପରି ମିସରର ବନ୍ଦୀତ୍ୱରୁ ମୁକ୍ତ ହୋଇଥିଲେ, ଠିକ୍ ସେହିପରି ଆମ୍ଭେମାନେ ଏହି ଜଗତର ବନ୍ଦୀତ୍ୱରୁ ମୁକ୍ତ ହେବା ନିମନ୍ତେ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଆହ୍ୱାନ କରନ୍ତି । (ଯୋହନ ୧୫:୧୮-୧୯, ୧ମ ପିତର ୨:୯-୧୦) । କିନ୍ତୁ ତାହାଙ୍କ ଅନୁସରଣକାରୀମାନେ ପଥରେ ବିମୁଖ ହେଲେ, ଲକ୍ଷ୍ୟସ୍ଥଳକୁ ପହଞ୍ଚି ପାରିବେ ନାହିଁ । "ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର..........ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର....... ସେହି ପ୍ରକାରରେ ତୁମ୍ଭମାନଙ୍କ ମଧ୍ୟରୁ ଯେକେହି ଆପଣାର ସର୍ବସ୍ୱ ତ୍ୟାଗ ନକରେ, ସେ ମୋହର ଶିଷ୍ୟ ହୋଇପାରେ ନାହିଁ । (ମାଥିଉ ୬:୩୩, ରୋମୀୟ ୧୨:୧, ଲୁକ ୧୪:୩୩) ଫାରୋ ଯେପରି ଇଶ୍ରାଏଲୀୟମାନଙ୍କୁ ଦାସତ୍ୱର ବନ୍ଧନରୁ ମୁକ୍ତ କରିବା ନିମନ୍ତେ ନାସ୍ତି କରିଥିଲେ, ପାପର ଦାସତ୍ୱରେ ବନ୍ଦୀ ମନୁଷ୍ୟମାନଙ୍କୁ ଶୟତାନ ମୁକ୍ତ କରିବାକୁ ଇଚ୍ଛା କରେନାହିଁ । (ଯୋହନ ୮:୩୪, ରୋମୀୟ ୬:୧୬-୧୭, ଏବ୍ରୀ ୨:୧୪-୧୫) "ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ, ଶୟତାନକୁ ପ୍ରତି ବାଧା କର, ତାହାହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ ।" (ଯାକୁବ ୪:୭) "ଯେପରି ଶୟତାନ ଆମ୍ଭମାନଙ୍କର ଅପକାର କରିବାକୁ ସୁଯୋଗ ପ୍ରାପ୍ତ ନ ହୁଏ । କାରଣ ଆମ୍ଭେମାନେ ତା'ର ସମସ୍ତ କଳ୍ପନା ସମ୍ବନ୍ଧରେ ଅଜ୍ଞ ନୋହୁଁ ।" (୨ୟ କରିନ୍ଥୀ ୨:୧୧) ଜଗତରୁ ବାହାରି ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରିବାର ଆମ୍ଭମାନଙ୍କ ଉଦ୍‌ଯୋଗରେ ଶୟତାନ ବାଧା ସୃଷ୍ଟି କରିଥାଏ । ଇଶ୍ରାଏଲୀୟମାନେ ଶୟତାନ ଦ୍ୱାରା ପାଇଥିବା ପ୍ରତିରୋଧକୁ ଆଜିର ସମାଜ ମଧ୍ୟ

ସମ୍ମୁଖୀନ ହେଉଅଛି ।

"ତୁମ୍ଭେମାନେ ଯାଇ ଦେଶ ମଧ୍ୟରେ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବଳିଦାନ କର ।" ମୋଶାଙ୍କ କଥାନୁଯାୟୀ ମିସର ଦେଶର ଜଳ ରକ୍ତରେ ପରିବର୍ତ୍ତନ ହେଲା, ଦେଶରେ ବେଙ୍ଗ ବ୍ୟାପି ଗଲେ, ପରେ ଡକୁଣୀ ବ୍ୟାପିଲେ । କିନ୍ତୁ ଫାରୋ ଇଶ୍ରାଏଲୀୟମାନଙ୍କୁ ମୁକ୍ତ କରିବାକୁ ପ୍ରସ୍ତୁତ ନଥିଲେ । ଶେଷରେ ଫାରୋ ଇଶ୍ରାଏଲୀୟମାନଙ୍କୁ କହିଲେ,"......ତୁମ୍ଭେମାନେ ଯାଇ ଦେଶ ମଧ୍ୟରେ ତୁମ୍ଭମାନଙ୍କ ପରମେଶ୍ୱର ଉଦ୍ଦେଶ୍ୟରେ ବଳିଦାନ କର ।" (ଯାତ୍ରା ୮:୨୫) କିନ୍ତୁ ମୋଶା ଫାରୋଙ୍କର ପ୍ରସ୍ତାବରେ ରାଜି ହେଲେ ନାହିଁ । ".........ତାହା କରିବା ଉପଯୁକ୍ତ ନୁହେଁ, କାରଣ ତାହା କଲେ, ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ମିଶରୀୟମାନଙ୍କ ଘୃଣାଜନକ ବଳିଦାନ କରିବାକୁ ହେବ......." (୨୬ମ ପଦ) ପରମେଶ୍ୱର ଆମ୍ଭମାନଙ୍କୁ ବିଜାତୀୟ ମାନଙ୍କ ଠାରୁ ସମ୍ପୂର୍ଣ୍ଣରୂପେ ପୃଥକ୍ ହେବାକୁ ଆଜ୍ଞା ଦିଅନ୍ତି ।

ସଦାପ୍ରଭୁ ଆମ୍ଭମାନଙ୍କୁ କହନ୍ତି,"ତୁମ୍ଭେମାନେ ସେମାନଙ୍କ ମଧ୍ୟରୁ ବାହାରି ଆସ, ଆଉ ପୃଥକ୍ ହୁଅ ।" (୨ୟ କରିନ୍ଥୀ ୬:୧୭) ଆମ୍ଭେମାନେ ଅନ୍ୟ ଧର୍ମାବଲମ୍ବୀମାନଙ୍କ ଠାରୁ ତଥା ପାପଠାରୁ ଆମ୍ଭମାନଙ୍କୁ ପୃଥକ୍ ରଖୁ । ପାପ ବିଷୟରେ ମୃତ୍ୟୁଭୋଗୀ, ବାପ୍ତିସ୍ମ ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ ସମାଧିଗ୍ରସ୍ତ ହୋଇ, ନୂତନ ଜୀବନରେ ଆଚରଣ କରିବା ନିମନ୍ତେ ଉତ୍ଥାପିତ ହୋଇ, ଅନ୍ୟମାନଙ୍କ ଠାରୁ ପୃଥକ୍ ହୋଇଥାଉ । (ରୋମୀୟ ୬:୩-୪) ଏତଦ୍ୱାରା ଆମ୍ଭେମାନେ ଆଉ ପାପର ଦାସତ୍ୱରେ ନରହୁ, ଏଥିପାଇଁ ପାପର ଶରୀର ବିନଷ୍ଟ ହେବା ନିମନ୍ତେ ଆମ୍ଭମାନଙ୍କର ପୁରାତନ ସ୍ୱଭାବ ଯେ ତାହାଙ୍କ ସହିତ କ୍ରୁଶରେ ହତ ହୋଇଅଛି......." (୬ମ ପଦ) । ଆଉ ଆମ୍ଭେମାନେ ଆମ୍ଭମାନଙ୍କ ନିମନ୍ତେ ଜୀବନଯାପନ ନକରି, ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ଓ ଉତ୍ଥିତ ହେଲେ, ତାହାଙ୍କ ନିମନ୍ତେ ଜୀବନଯାପନ କରୁ । (୨ କରିନ୍ଥୀ ୫:୧୫) । ପାଉଲଙ୍କ ସଦୃଶ୍ୟ "ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି, ମୁଁ ଆଉ ଜୀବିତ ନୁହେଁ, ମାତ୍ର ଖ୍ରୀଷ୍ଟ ମୋ' ଠାରେ ଜୀବିତ ଅଛନ୍ତି, ପୁଣି ମୁଁ ଶରୀରରେ ଥାଇ ବର୍ତ୍ତମାନ ଯେଉଁ ଜୀବନଯାପନ କରୁଅଛି, ତାହା ବିଶ୍ୱାସରେ, ଅର୍ଥାତ୍ ଯେଉଁ ଈଶ୍ୱରଙ୍କ ପୁତ୍ର ମୋତେ ପ୍ରେମ କରି ମୋ' ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ, ତାହାଙ୍କ ଠାରେ ବିଶ୍ୱାସ କରି ଜୀବନଯାପନ କରୁ ବୋଲି କହିବାରୁ (ଗାଲାତୀ ୨:୨୦) । ପରମେଶ୍ୱର ଯାହା ଆମ୍ଭମାନଙ୍କୁ ଆଜ୍ଞା କରିଅଛନ୍ତି ତାଠାରୁ ଊଣା ସେ ଗ୍ରହଣ କରିବେ ନାହିଁ । ସେ ଯେପରି ପବିତ୍ର ଆମ୍ଭେମାନେ

ସେପରି ପବିତ୍ର ରହ । (୧ମ ପିତର ୧:୧୫) କିନ୍ତୁ ଶୟତାନ, ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ଆଜ୍ଞା ଅଦଳବଦଳ କରିବାରେ ଲାଗିରହେ । ଆମ୍ଭେମାନେ ଅନ୍ୟମାନଙ୍କ ଠାରୁ ଏବଂ ପାପ ଠାରୁ ପୃଥକ୍ ନହେବା ପର୍ଯ୍ୟନ୍ତ ଦାସର ଓ ଶୟତାନର ବନ୍ଧନରେ ବନ୍ଦୀ ।

"ଯାଅ......ମାତ୍ର ବହୁଦୂରକୁ ଯାଅ ନାହିଁ" : ମୋଶା, ଫାରୋଙ୍କ ପ୍ରସ୍ତାବରେ ରାଜି ନହେବାରୁ, ଫାରୋ ଅନ୍ୟ ଏକ ପ୍ରସ୍ତାବ ରଖିଲେ । "ତୁମ୍ଭେମାନେ ପ୍ରାନ୍ତରକୁ ଯାଇ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବଳିଦାନ କର, ମାତ୍ର ବହୁ ଦୂରକୁ ଯାଅ ନାହିଁ, ପୁଣି ଆମ୍ଭ ନିମନ୍ତେ ପ୍ରାର୍ଥନା କର ।" (ଯାତ୍ରା ୮:୨୮) ଏତଦ୍ୱାରା କୌଣସି ସମସ୍ୟା ଘଟିଲେ ମିସର ଦେଶକୁ ଫେରି ଆସିବା ନିମନ୍ତେ ସହଜ । ପ୍ରକୃତରେ ଇଶ୍ରାଏଲୀୟମାନେ ପ୍ରାନ୍ତରରେ କଷ୍ଟ ଭୋଗିବା ସମୟରେ ପୁନର୍ବାର ମିସର ଦେଶକୁ ଫେରିଯିବାକୁ ଇଚ୍ଛା ପ୍ରକାଶ କରିଥିଲେ । (ଯାତ୍ରା ୧୪:୧୨, ଗଣନା ୧୪:୩) କିନ୍ତୁ ମୋଶା ସେ ପ୍ରସ୍ତାବରେ ରାଜି ହୋଇନଥିଲେ । କାରଣ ମିସରରର ଦୁଷ୍ଟଚକ୍ଷୁରୁ ଇଶ୍ରାଏଲକୁ ଦୂର କିଣାନ ଦେଶକୁ ନେଇ ଯିବାକୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟ ଥିଲା । ସେ ସେମାନଙ୍କୁ ରକ୍ତ ସମୁଦ୍ର ପାର କରାଇ ବନ୍ଦୀତ୍ୱରୁ ମୁକ୍ତ କରିଥିଲେ ।

ଇଶ୍ରାଏଲୀୟମାନେ ସମୁଦ୍ର ମଧ୍ୟଦେଇ ଗମନ କରି ମୋଶାଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଥିଲେ, ଆମ୍ଭେମାନେ ମଧ୍ୟ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହୋଇ ପାପରୁ ମୁକ୍ତ ହେଉ । (ରୋମୀୟ ୬-୩-୪,୧୮) । ରକ୍ତ ସମୁଦ୍ର ଇଶ୍ରାଏଲ ନିମନ୍ତେ ସ୍ୱାଧୀନତାର ସୀମା ବୋଲି ଫାରୋ ଜ୍ଞାତ ଥିବାରୁ, ଇଶ୍ରାଏଲୀୟମାନଙ୍କୁ ଦୂରକୁ ପଠାଇବାକୁ ଇଚ୍ଛା କରିନଥିଲେ । ସେହିପରି ଶୟତାନ ଜାଣେ, ବାପ୍ତସ୍ମ ଆମ୍ଭମାନଙ୍କ ଦାସତ୍ୱ ଓ ମୁକ୍ତର ସୀମା "ବାପ୍ତସ୍ମ" ଅଟେ । ବାପ୍ତିସ୍ମ, ପାପ ଓ ଧାର୍ମିକତା, ମଣ୍ଡଳୀ ଓ ଜଗତ, ଖ୍ରୀଷ୍ଟ ଓ ଶୟତାନ ମଧ୍ୟସ୍ଥ ପ୍ରାଚୀର । (ମାର୍କ ୧୬:୧୫-୧୬, ପ୍ରେରିତ ୨:୩୮, ୮:୧୨, ୮:୩୫-୩୯, ୨୨:୧୬, ରୋମ ୬:୧-୬, ୧ମ ପିତର ୩:୨୧) ଆମ୍ଭେମାନେ ଶୟତାନ ପକ୍ଷରେ ରହିବା ନିମନ୍ତେ ଶୟତାନ ପ୍ରତିରୋଧ କରିନପାରେ, ତେବେ ଆମ୍ଭମାନଙ୍କ ଚାକିରୀ, ପରିବାର ଏପରି ଅନ୍ୟାନ୍ୟ ସମସ୍ୟା ଦ୍ୱାରା ଆମ୍ଭମାନଙ୍କ ନିର୍ଦ୍ଦିଷ୍ଟ ଗମ୍ୟ ସାଧନ କରିବାରେ ଆତଙ୍କ ସୃଷ୍ଟି କରିଥାଏ । ଶୟତାନ ଆମ୍ଭମାନଙ୍କୁ କହେ, "ଯାଅ, କିନ୍ତୁ ବହୁଦୂର ନୁହେଁ ।

"ଯାଅ........କିନ୍ତୁ ପୁତ୍ରକନ୍ୟାଙ୍କୁ ଘେନି ନଯାଅ"

ଫାରୋଙ୍କ ପରବର୍ତ୍ତୀ ପ୍ରସ୍ତାବ ଯାତ୍ରା ୧୦:୮-୧୧ ପଦରେ ଲେଖାଯାଏ

“......ଯାଅ, ତୁମ୍ଭେମାନେ ସଦାପ୍ରଭୁଙ୍କର ସେବା କର, ମାତ୍ର କିଏ କିଏ ଯିବ ? ତହିଁରେ ମୋଶା କହିଲେ, ଆମ୍ଭେମାନେ ଆପଣା ଆପଣା ବାଳକ ଓ ବୃଦ୍ଧ ସମସ୍ତଙ୍କୁ ସଙ୍ଗେ ଘେନି ଯିବୁ ଓ ଆପଣା ଆପଣା ପୁତ୍ରକନ୍ୟାଙ୍କୁ ପୁଣି ଗୋମେଷାଦି ପଲ ମଧ୍ୟ ସଙ୍ଗରେ ଘେନି ଯିବୁ । ଯେହେତୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆମ୍ଭମାନଙ୍କର ଉତ୍ସବ କରିବାକୁ ହେବ । ତେବେ ଫାରୋ ସେମାନଙ୍କୁ କହିଲେ, ହେଉ, ସଦାପ୍ରଭୁ ତୁମ୍ଭମାନଙ୍କର ସହବର୍ତ୍ତୀ ହୁଅନ୍ତୁ, ଆମ୍ଭେ ତ ତୁମ୍ଭମାନଙ୍କୁ ଓ ତୁମ୍ଭମାନଙ୍କ ବାଳକମାନଙ୍କୁ ଛାଡ଼ିଦେବୁ, ସାବଧାନ, ଅମଙ୍ଗଳ ତୁମ୍ଭେମାନଙ୍କ ଓ ତୁମ୍ଭମାନଙ୍କ ସାଙ୍ଗରେ ଅଛି । ଏପରି ହେବ ନାହିଁ, ତୁମ୍ଭେମାନେ ଯେତେ ପୁରୁଷ ଅଛ, ଯାଅ, ସଦାପ୍ରଭୁଙ୍କର ସେବା କର, କାରଣ ଏହି ମାତ୍ର ତୁମ୍ଭେମାନେ ଚାହଁ । ପୁତ୍ରକନ୍ୟାମାନଙ୍କୁ ଘେନି ନଯାଇ ମିସରରେ ଛାଡ଼ି ଦେଲେ, ଇଶ୍ରାଏଲୀୟମାନେ ଫାରୋଙ୍କ ମୁଠିରେ ରହିବେ ବୋଲି ଫାରୋଙ୍କ ଯୋଜନା ଥିଲା । ଇଶ୍ରାଏଲୀୟମାନେ ପୁନର୍ବାର ମିସର ଦେଶକୁ ଫେରିଆସିବା ସମ୍ଭବପର ହେବ ବୋଲି ଫାରୋଙ୍କ ମନୋଭାବ ଥିଲା, କିନ୍ତୁ ଏହି ପ୍ରସ୍ତାବରେ ମଧ୍ୟ ମୋଶା ରାଜି ହୋଇନଥିଲେ । ପିତା ପରମେଶ୍ୱର ଛୋଟ ଛୋଟ ବାଳକବାଳିକା ଧାର୍ମିକ ପିତାମାତାଙ୍କ ତତ୍ତ୍ୱାବଧାନରେ ପାଳିତ ହେବା ଇଚ୍ଛା କରନ୍ତି । ଯେପରିକି ପିତାମାତାମାନେ ପୁତ୍ରକନ୍ୟାମାନଙ୍କୁ ସତ୍ୟ ପରମେଶ୍ୱରଙ୍କୁ ଆରାଧନା କରିବାକୁ ଶିକ୍ଷା ଦିଅନ୍ତି ।

ଶୟତାନ ଆମ୍ଭମାନଙ୍କୁ କହେ, କୋମଳ ବାଳକବାଳିକାମାନଙ୍କୁ ସେମାନଙ୍କ ସମୟ ଉପଭୋଗ କରିବାକୁ ଦିଅ । ସେମାନଙ୍କୁ ଆପଣା ଇଚ୍ଛାନୁଯାୟୀ ଜୀବନଯାପନ କରିବାକୁ ସୁଯୋଗ ଦିଅ । ଧର୍ମ ରୀତି ବିଷୟରେ ସେମାନଙ୍କୁ ବାଧ୍ୟ ନକର । କିନ୍ତୁ ଆମ୍ଭମାନଙ୍କ ପରମେଶ୍ୱର କହନ୍ତି,“ଆଉ, ତୁମ୍ଭେ ଯୌବନ କାଳରେ ଆପଣା ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କର, ଯେହେତୁ ଦୁଃସମୟ ଆସୁଅଛି, ଯେଉଁସବୁ ବର୍ଷରେ ତୁମ୍ଭେ କହିବ, ଏସବୁରେ ମୋହର କିଛି ସୁଖ ନାହିଁ, ସେହିସବୁ ବର୍ଷ ସନ୍ନିକଟ ହେଉଅଛି । ବାଳକବାଳିକାମାନେ କୋମଳ ବୟସରେ ପ୍ରାପ୍ତ ହୋଇଥିବା ଶିକ୍ଷା, ସେମାନଙ୍କ ଚରିତ୍ର ନିର୍ଦ୍ଧାରଣ କରେ, ପରମେଶ୍ୱରଙ୍କ ପ୍ରତି ଭକ୍ତି ଓ ଦୃଢ଼ ନିଶ୍ଚୟତା କୋମଳ ବୟସରୁ ସ୍ଥିରୀକୃତ ହୁଏ । ଆମ୍ଭେମାନେ ଆମ୍ଭମାନଙ୍କ ପୁତ୍ରକନ୍ୟାମାନଙ୍କୁ ପଛରେ ନଛାଡୁ । ଜୀବନର ପ୍ରାରମ୍ଭ ବେଳାରୁ ପରମେଶ୍ୱର ପ୍ରତି ଭୟ, ଜ୍ଞାନ, ଭକ୍ତି ଆମ୍ଭମାନଙ୍କୁ ଆଜୀବନ ପ୍ରଭାବିତ କରେ ।

**-Clem Thurman**

**Edited & Published by : Kabita & Joshua Gootam**

# HINDRANCES TO CHRISTIANITY

**Purpose :**

To show how Christianity is hindered by our allowing sinful qualities into our lives.

A. When man is proud he exalts himself and displaces God ...... "Too high an opinion of oneself !" (Thorndike-Barnhart Dictionary).

B. Proverbs 6: 16- 19; Proverbs 21:4; Proverbs 16:18,19; 1 Peter 5:5.6.

1. Pride will not allow a man to say, "I' m a sinner" and humbly submit to God.

2. See Luke 18:9614.

**II. Selfishness.**

A. The selfish person is too concerned with himself.

1. 1 Corinthians 13:5; James 4:3; Philippians 2:29,30.

2. The selfish person cannot be a servant because his emphasis is self.

**III Anger.**

A. Anger causes us to get out of control

1. 1 Corinthians 13:5; James 1:19-21; Proverbs 15:18; Ecclesiastes 7:9.

2. Out of control we act like the devil instead of Christ.

**IV Unbridled Tongue.**

A. Our words build or destroy

1. Proverbs 18:8; Proverbs 12:18; Proverbs 19:5,9; Proverbs 21:23: Psalm 19:14; James 2:12; Matthew 12:36,37.

2. We must realize that what we say is serious business.

V **Marital Friction.**

A. Troubled families destroy society and, yes --- Christianity.

1. Billboard advertisement in Birmingham:

   "Uncontested divorce $125.00." what's wrong with us ?

2. Genesis 2:24 (cleave); 1 Peter 3:7 (dwell).

**VI Sins not repented of.**

A. Christianity will never prosper as long as we are not willing to change.

1. Psalm 66:18; Isaiah 59:12; Luke 13:3,5;Acts 17:30.
2. The great sin of America - People will not repent !

**CONCLUSION:**

1. God forbid that any of us should hinder Christianity. Why can't we see that these sinful qualities in our lives will do just that ? Christianity begins with me and you.

**Ken Tyler**

*Printed Book Only*

From:

SATYA VANI
P.O. Box 80,
Kakinada - 533 001

To

(FOR PRIVATE CRICULATION ONLY)